# NATIONAL NEWS BULLETIN (ODIA)
## 22 July - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

– ଚଳିତ ଆର୍ଥିକ ବର୍ଷରେ ଦେଶର ମୋଟ୍ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୬ ଦଶମିକ ୫ରୁ ୭ ପ୍ରତିଶତକୁ ବୃଦ୍ଧି।

- ଆସନ୍ତାକାଲି ଲୋକସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ।
- ରାଜ୍ୟସଭାରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା– ଗତ ୫ ବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ପ୍ରାୟ ୧୧ କୋଟି ୭୫ ଲକ୍ଷ ବାସଗୃହକୁ ପାଇପ୍ ଯୋଗେ ଯୋଗାଇ ଦିଆଯାଇଛି ବିଶୁଦ୍ଧ ଜଳ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଏବଂ ପେନସନ୍ ସଂଶୋଧନ ଲାଗି ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ ନିମନ୍ତେ କୌଣସି ପ୍ରସ୍ତାବ ନାହିଁ ବୋଲି ସରକାରଙ୍କ ସ୍ପଷ୍ଟୋକ୍ତି।

ଏବଂ

- ଏସିଆ କପ୍ ଟି-୨୦ ମହିଳା କ୍ରିକେଟ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ଆଜି ଶ୍ରୀଲଙ୍କା' ମାଲେସିଆକୁ ୧୪୪ ରନ୍‌ରେ ପରାସ୍ତ କରିଛି।

# ଇକୋନମି ସର୍ଭେ

ଦେଶରେ ପ୍ରକୃତ ମୋଟ୍ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୨୦୨୪-୨୫ ଆର୍ଥିକ ବର୍ଷରେ ୬ ଦଶମିକ ୫ରୁ ୭ ପ୍ରତିଶତକୁ ବୃଦ୍ଧି ପାଇଛି। ଆଜି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଲୋକସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଏହି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ବିଶ୍ୱସ୍ତରରେ ଅର୍ଥନୈତିକ ଅନିଶ୍ଚିତତା ସତ୍ତ୍ୱେ ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ଏହି ଅର୍ଥନୈତିକ ଅଭିବୃଦ୍ଧିରେ ଉନ୍ନତି ପରିଲକ୍ଷିତ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ଦିଗରେ ସେବା କ୍ଷେତ୍ରର ଉଲ୍ଲେଖନୀୟ ଭୂମିକା ରହିଛି। ଏହି ଆର୍ଥିକ ବର୍ଷରେ ବାଣିଜ୍ୟ କ୍ଷେତ୍ରର ଅବଦାନ ଲାଗି ବିଶ୍ୱସ୍ତରୀୟ ଅର୍ଥନୀତିରେ ମଧ୍ୟ ଉନ୍ନତି ଦେଖାଦେଇଛି।

ପରେ ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ କରି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର

ଭି.ଅନନ୍ତ ନାଗେଶ୍ୱର କହିଛନ୍ତି, ଦେଶର ଅର୍ଥନୈତିକ ଅଭିବୃଦ୍ଧି ଗତିଶୀଳ ରହିଛି। ଆଗାମୀ ଦିନ ଗୁଡ଼ିକରେ କୃଷିକ୍ଷେତ୍ରର ଅବଦାନ ଆଶାନୁରୂପ ହେବ ବୋଲି ସେ କହିଛନ୍ତି। ଭାରତୀୟ ପାଣିପାଗ ବିଭାଗ ଚଳିତ ମୌସୁମୀ ଋତୁରେ ସ୍ୱାଭାବିକ  ବର୍ଷା ହେବ ବୋଲି ଆକଳନ କରିଥିବାବେଳେ ଏହାଦ୍ୱାରା କୃଷିକ୍ଷେତ୍ର ମାତ୍ରାଧିକ ଲାଭାନ୍ୱିତ ହେବା ସହ ଗ୍ରାମାଞ୍ଚଳର ଅର୍ଥନୀତିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି।

ଡକ୍ଟର ନାଗେଶ୍ୱରନ କହିଛନ୍ତି, ଗତ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷିକ୍ଷେତ୍ରର ହାରାହାରି ବାର୍ଷିକ ଅଭିବୃଦ୍ଧିହାର ୪ ଦଶମିକ ୧/୮ ପ୍ରତିଶତ ରହିଛି। ଅର୍ଥନୈତିକ ସର୍ଭେ ରିପୋର୍ଟରୁ ଜଣାଯାଇଛି, କ୍ଷୁଦ୍ରଚାଷୀମାନେ ଉଚ୍ଚମୂଲ୍ୟଯୁକ୍ତ ଚାଷ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। ଏହି କ୍ଷୁଦ୍ରଚାଷୀଙ୍କର ଆୟ ବୃଦ୍ଧି ପାଇଲେ, ଉତ୍ପାଦନ ହାରରେ ମଧ୍ୟ ଆଶାନୁରୂପ ଉନ୍ନତି ଦେଖାଦେବ। ବର୍ତ୍ତମାନ ଦେଶର ମୋଟ୍ ଜନସଂଖ୍ୟାର ୪୨ ଦଶମିକ ୩ ପ୍ରତିଶତ ପରିବାର କୃଷିକ୍ଷେତ୍ର ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଦେଶର ମୋଟ୍ ଘରୋଇ ଉତ୍ପାଦର ୧୮ ଦଶମିକ ୨ ପ୍ରତିଶତ ଅଂଶ ଏହି କ୍ଷେତ୍ରରୁ ଆସୁଛି ବୋଲି ସର୍ଭେ ରିପୋର୍ଟରୁ ଜଣାଯାଇଛି।

ଡକ୍ଟର ନାଗେଶ୍ୱରନ୍ କହିଛନ୍ତି, ୨୦୩୦ ମସିହା ପର୍ଯ୍ୟନ୍ତ  ଅଣକୃଷି କ୍ଷେତ୍ରରେ ବାର୍ଷିକ ସାଢ଼େ ୭୮ ଲକ୍ଷ ରୋଜଗାର ନିଯୁକ୍ତି ସୃଷ୍ଟି କରାଗଲେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିରେ ଉନ୍ନତି ପରିଲକ୍ଷିତ ହୋଇପାରିବ। ଗତ କିଛି ବର୍ଷ ମଧ୍ୟରେ ଦେଶରେ ମୌଳିକଢାଞ୍ଚା ସମ୍ପ୍ରସାରଣ ଦିଗରେ ଉଲ୍ଲେଖନୀୟ  ଅଭିବୃଦ୍ଧି ଘଟିଛି। ୨୦୧୪ ମସିହାରେ ପ୍ରତ୍ୟହ ୧୧ ଦଶମିକ ୭ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଉଥିବା ବେଳେ ଚଳିତ ବର୍ଷ ଏହା ୩୪ କିଲୋମିଟରରେ ପହଁଞ୍ଚିଛି ବୋଲି ସେ କହିଛନ୍ତି। ଡକ୍ଟର ନାଗେଶ୍ୱରନ୍ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଦେଶର ରପ୍ତାନୀ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ଏହା ୪ ଦଶମିକ ୯ ପ୍ରତିଶତ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୩୪୧ ବିଲିୟନ ଆମେରିକୀୟ ଡଲାରରେ ପହଁଞ୍ଚିଛି। ସେହିଭଳି ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ୩୪ ଦଶମିକ ୭ କୋଟିରୁ ଊର୍ଦ୍ଧ୍ୱ ଆୟୁଷ୍ମାନ ଭାରତ କାର୍ଡ ବଣ୍ଟନ କରିଛନ୍ତି। ଏଥିସହିତ ଜନସାଧାରଣଙ୍କୁ ସଶକ୍ତ କରିବା, ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା, ବିଭିନ୍ନ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଅର୍ଥନୈତିକ ଅଭିବୃଦ୍ଧିହାରର ଉନ୍ନତି ଲାଗି ସରକାର ଅନେକ ଜନକଲ୍ୟାଣକାରୀ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି ବୋଲି ଡକ୍ଟର ନାଗେଶ୍ୱରନ୍ କହିଛନ୍ତି।

## ବଜେଟ୍ ଅଧିବେଶନ

ସଂସଦରେ ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତାକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଏଥିସହିତ ଜାମ୍ମୁ-କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମଧ୍ୟ ସଂସଦରେ ବଜେଟ୍ ଉପସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟପାଳି ସରକାରର ଏହା ହେଉଛି ପ୍ରଥମ ବଜେଟ୍ ଅଧିବେଶନ। ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୧୬ଟି କାର୍ଯ୍ୟଦିବସ ରହିଥିବା ଜଣାପଡ଼ିଛି।

## ଆର୍-ଜଳ ଜୀବନ

ଜଳଜୀବନ ମିଶନ– ହର୍ ଘର୍ ଜଲ୍ ଅଧୀନରେ ଗତ ୫ ବର୍ଷ ମଧ୍ୟରେ ଦେଶର ଗ୍ରାମାଞ୍ଚଳରେ ପ୍ରାୟ ୧୧ କୋଟି ୭୫ ଲକ୍ଷ ବାସଗୃହକୁ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇ ଦିଆଯାଇଛି ବୋଲି ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି.ସୋମାନ୍ନା ରାଜ୍ୟସଭାରେ କହିଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ୨୦୧୯ ମସିହା ଅଗଷ୍ଟ ମାସରେ ଜଳଜୀବନ ମିଶନର ଶୁଭାରମ୍ଭ ହେବା ପୂର୍ବରୁ ଦେଶର ଗ୍ରାମାଞ୍ଚଳରେ ମାତ୍ର ୩ କୋଟି ୨୩ ଲକ୍ଷ ଘରକୁ ପାଇପ୍ ଯୋଗେ ଜଳ ସଂଯୋଗୀକରଣ କରାଯାଇଥିଲା। ବର୍ତ୍ତମାନ ଗ୍ରାମାଞ୍ଚଳରେ ଥିବା ୭୭ ପ୍ରତିଶତରୁ ଊର୍ଦ୍ଧ୍ୱ ଘରକୁ ଏହି ସୁବିଧା ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳକୁ ଯୋଗାଇ

ଦିଆଯାଉଥିବା ଏହି ଜଳର ମାନ ନିର୍ଦ୍ଧାରଣ କରିବା ନିମନ୍ତେ ସରକାର ଏକ ପୋର୍ଟାଲ ବିକଶିତ କରିଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ କର୍ତ୍ତୃପକ୍ଷ ଜଳର ମାନ ନିର୍ଦ୍ଧାରଣ କରିପାରିବେ ବୋଲି ଶ୍ରୀ ସୋମାନ୍ନା କହିଛନ୍ତି।

# ପିଏମ୍- ବିଶ୍ୱକର୍ମା

ପିଏମ୍ ବିଶ୍ୱକର୍ମା ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ଦେଶରେ ୨ କୋଟି ୨୮ ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ନିଜ ନାମ ସାମିଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୪୨ ହଜାର ୨୨୨ ମହିଳାଙ୍କ ସମେତ ୧୩ ଲକ୍ଷ ୯୪ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ସଫଳତାର ସହ ପଞ୍ଜୀକୃତ ହୋଇଛନ୍ତି। ଦେଶବ୍ୟାପୀ ଏଥିଲାଗି ଥିବା ବିଭିନ୍ନ କେନ୍ଦ୍ରରେ ୫ ଲକ୍ଷ ୩ ହଜାର ୧୬୧ ଜଣ ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି। ସେମାନଙ୍କ ମଧ୍ୟରେ ୨ ଲକ୍ଷ ୭୪ ହଜାର ୭୦୩ ଜଣ ଅନ୍ତର୍ଭୁକ୍ତ। କର୍ଣ୍ଣାଟକରୁ ସର୍ବାଧିକ ୧ ଲକ୍ଷ ୯ ହଜାର ପ୍ରାର୍ଥୀ ଏହି ଦକ୍ଷତା ବିକାଶ ତାଲିମ ନେଇଛନ୍ତି। ଜାମ୍ମୁ-କାଶ୍ମୀରରୁ ୮୧ ହଜାର ଏବଂ ଗୁଜୁରାଟରୁ ଅଣାଅସୀ ହଜାର ପ୍ରାର୍ଥୀଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି। ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ଏଠାରେ ସୂଚନା ଦିଆଯାଇପାରେ ଗତ ବର୍ଷ ସେପ୍ଟେମ୍ବର ମାସରେ ପ୍ରାୟ

୧୮ଟି  ବର୍ଗର କାରିଗରମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ପିଏମ୍ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରାଯାଇଛି ।

## ଏଲ୍‌ଏସ୍- ପେ କମିଶନ

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଏବଂ ପେନସନ୍  ସଂଶୋଧନ ଲାଗି ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ ନିମନ୍ତେ କୌଣସି ପ୍ରସ୍ତାବ ନାହିଁ ବୋଲି ସରକାର ଆଜି ସ୍ପଷ୍ଟ କରିଛନ୍ତି । ଲୋକସଭାରେ ଏ ସମ୍ପର୍କୀୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହା କହିଛନ୍ତି । ଶ୍ରୀ ଚୌଧୁରୀ କହିଛନ୍ତି, ଗତ ମାସରେ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗ ଗଠନ ନିମନ୍ତେ ଦୁଇଟି ଆବେଦନ ସରକାରଙ୍କ ହସ୍ତଗତ ହୋଇଛି । ତେବେ ସରକାର ବର୍ତ୍ତମାନ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇ ନାହାଁନ୍ତି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ବିହାର ସ୍ପେଶିଆଲ ଷ୍ଟାଟସ୍

କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ଭିତ୍ତି କରି କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ପ୍ରସଙ୍ଗରେ ବିହାରର ଏ ସମ୍ପର୍କିତ ଅନୁରୋଧକୁ ୨୦୧୨ ମସିହାରେ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଥିଲେ । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି । ଶ୍ରୀ ଚୌଧୁରୀ କହିଛନ୍ତି, ପାର୍ବତ୍ୟ ତଥା ଦୁର୍ଗମ ଅଞ୍ଚଳ, କମ୍ ଜନସଂଖ୍ୟା ବିଶିଷ୍ଟ କିମ୍ବା ଅଧିକ ସଂଖ୍ୟାରେ ଜନଜାତି ସମ୍ପ୍ରଦାୟ ବସବାସ

କରୁଥିବା ଅଞ୍ଚଳ, ପଡ଼ୋଶୀ ଦେଶ ସହିତ ସୀମାବର୍ତ୍ତୀ ରଣନୈତିକ ଅଞ୍ଚଳଗୁଡ଼ିକ, ଅର୍ଥନୈତିକ ଏବଂ ମୌଳିକଢାଞ୍ଚାଗତ ପଛୁଆ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ ବୋଲି ଜାତୀୟ ବିକାଶ ପରିଷଦ ନିର୍ଦ୍ଧାରଣ କରିଛନ୍ତି। ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ କରାଯିବା ସମ୍ପର୍କିତ ଆବେଦନକୁ ଆନ୍ତଃ ମନ୍ତ୍ରଣାଳୟ ଗ୍ରୁପ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ଏହି ଗ୍ରୁପ୍ ୨୦୧୨ ମସିହା ମାର୍ଚ୍ଚ ମାସରେ ନିଜର ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଜାତୀୟ ବିକାଶ ପରିଷଦଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମାନଦଣ୍ଡ ଅନୁଯାୟୀ, ବିହାରକୁ ଏହି ମାନ୍ୟତା ପ୍ରଦାନ କରାଯାଇପାରିବ ନାହିଁ ବୋଲି ସମ୍ପୃକ୍ତ ଆନ୍ତଃ ମନ୍ତ୍ରଣାଳୟ ଗ୍ରୁପ୍ ନିଜର ରିପୋର୍ଟରେ ଉଲ୍ଲେଖ କରିଥିଲା ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି।

## ଏଲ୍ଏସ୍- ଅଲିମ୍ପିକ୍ ଡିସକସନ୍

ଦେଶରେ କ୍ରୀଡ଼ାର ବିକାଶ ପାଇଁ କେନ୍ଦ୍ର ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ୨୦୧୪ରେ ଥିବା ୨୧୯ କୋଟିର କ୍ରୀଡ଼ା ବଜେଟ୍ ବୃଦ୍ଧି ପାଇ ଏନ୍‌ଡିଏ ସରକାରଙ୍କ ସମୟରେ ଏବେ ୩ ହଜାର ୩୯୭ କୋଟି ଟଙ୍କାରେ ପହଁଞ୍ଚିଛି ବୋଲି ଆଜି ଲୋକସଭାରେ ବିଜେପି ସଦସ୍ୟ ଡକ୍ଟର ସଞ୍ଜୟ ଜୟସ୍ୱାଲ କହିଛନ୍ତି। ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ ପାଇଁ ସରକାରଙ୍କ ପ୍ରସ୍ତୁତି ସମ୍ପର୍କିତ ଲୋକସଭାରେ ଏକ ଆଲୋଚନାରେ ଅଂଶଗ୍ରହଣ କରି ଡକ୍ଟର ଜୟସ୍ୱାଲ କହିଛନ୍ତି, ଏଥିପାଇଁ ୧୬ଟି ବିଭାଗର ଆଥଲେଟ୍‌ମାନଙ୍କ ପାଇଁ

ସମୁଦାୟ ୪୭୦ କୋଟି ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସଦସ୍ୟ ଦିପେନ୍ଦର ସିଂ ହୁଦା କହିଛନ୍ତି, କ୍ରୀଡ଼ାକୁ ରାଜନୀତିରୁ ଅଲଗା ରଖାଯିବା ଉଚିତ। କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଭା ଚିହ୍ନଟ ସହ ସେମାନଙ୍କ ଭବିଷ୍ୟତ ସୁରକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ। ଆଜିକାର ବିଷୟବସ୍ତୁ ରହିଛି **ଆୟକର ରିଟର୍ଣ୍ଣ ପ୍ରକ୍ରିୟାର ସରଳୀକରଣ**। ଆୟକର କମିଶନର ସୌମ୍ୟ ଆଚାର ଏବଂ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ସଞ୍ଜୀବା ନାରାୟନ ଏହି ଆଲୋଚନାରେ ଅଂଶ ଗ୍ରହଣ କରି ଶ୍ରୋତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ। କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ନିଜର ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

# କ୍ରିକେଟ

ଏସିଆ କପ୍ ଟି-୨୦ ମହିଳା କ୍ରିକେଟ ପ୍ରତିଯୋଗିତାର ଏକ ମ୍ୟାଚ୍‌ରେ ଆଜି ଶ୍ରୀଲଙ୍କା' ମାଲେସିଆକୁ ୧୪୪ ରନ୍‌ରେ ପରାସ୍ତ କରିଛି। ଶ୍ରୀଲଙ୍କା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୪ ରନ୍ କରିଥିଲା। ଦଳ ପକ୍ଷରୁ ଚାମାରି ଆଥାପାଥାଥୁ ସର୍ବାଧିକ ଅପରାଜିତ ୧୧୯ ରନ୍ ସଂଗ୍ରହ କରିବା ସହ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଭାବେ ବିବେଚିତ ହୋଇଛନ୍ତି। ୧୮୫ ରନ୍ ବିଜୟ ଲକ୍ଷ୍ୟର ପିଛା କରି ମାଲେସିଆ ୧୯ ଓଭର ୫ଟି ବଲ୍‌ରେ ମାତ୍ର ୪୦ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଶ୍ରୀଲଙ୍କା ପକ୍ଷରୁ ସାସିନି ଗିମ୍‌ହାନୀ ୯ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି।

ଅନ୍ୟପକ୍ଷରେ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶ ଓ ଥାଇଲାଣ୍ଡ ମଧ୍ୟରେ ମୁକାବିଲା ଜାରି ରହିଛି। ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଥାଇଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଛି।